Dist. Excise Office, Cuttack

Form No. VIII

(See rule ,31(a),33 (1), 51(6)]

PUBLIC NOTICE (Objection)

No 3671/Ex. dtd 13/06/2022

Whereas, the State Government intend to grant Exclusive privilege of IMFL ON Shop / Hotel/ Restaurant without lodging at the locality and within the local area mentioned below against each for the period of the grant till To 31St March, 2023 . Objections, If any, by any person residing within the said local area, are invited by 27/06/2022. The objections shall be addressed to the undersigned and shall reach him on or before the aforesaid date. Any objection received after the said date will not be taken into consideration.

Collector, Cuttack
Collector

| Kind of Exclusive Privilege | Sl. | Locality at which the privilege is to be exercised | E.P. Area |
|---|---|---|---|
| IMFL ON Shop | 1 | Plot No. / Ward No.- 523/3628Khata No.-247/576, Road Name - N/A, Mouza - UTTAMAPUR, Site Address - HOTEL ADITYA, P.S. - CUTTACK SADAR,Excise District - CUTTACK, Pin - 753011 Ward No - 56 of CMC | Whinin the Shop premises area. |

Collector, Cuttack
Collector

Memo No. 3672/Ex. dtd. 13/06/2022 Dated.

Copy forwarded to all concerned Officer-In-Charge Excise Station and Range Inspectors of Excise in this District with instructions to affix conspicuously one copy of the Notice in the locality in which the IMFL ON Shop is proposed to be opened. This apart, contents of the Public Notice should also be proclaimed by beat of drum or by such order manner as may he found convenient. In one copy of the Notice signature of the local residents should also be obtained and sent to this office at an early date in proof of wide publicity of the Notice. All other possible measures should also be taken for wide publicity of the Notice in the specified locality and local area. Two Xerox copies of the served copy of the Notice should also be submitted along with the original served copy for necessary action at this end.

Copy to all concerned Chairpersons, Panchayat Samities, N.A.C, municipality and municipal corporation (Through local Excise Officer) For information And necessary action. Copy To concerned Sarapanch(s) (Through local Excise officer) in the District for information and necessary action.

Copy along with the list of IMFL ON Shop shops proposed to be opened in the District forwarded To all the Sub-Collectors In the District/ Deputy Commissioner Of Excise Supdts. Of Police for information and necessary action.

Copy to the D.I.P.R.O., for information and necessary action.

Copy to Notice Board, District Excise Office/ Collectorate.

Copy to district website through NIC

Collector, Cuttack
Collector

# ଜିଲ୍ଲା ଅବକାରୀ କାର୍ଯ୍ୟାଳୟ :କଟକ

ସଂଖ୍ୟା ୩୬୨୩ ଅ. ତା. ୧୩/୦୬/୨୦୨୨

ଫାରମ ସଂଖ୍ୟା. ୪

( ରୁଲ, ୩୧ ( କ ), ୩୩ (୧), ୫୧ (୬) ଅନୁଯାଇ )

## ଜନସାଧାରଣଙ୍କଠାରୁ ଅଭିଯୋଗ ପତ୍ର ପ୍ରାପ୍ତି ନିମନ୍ତେ ବିଜ୍ଞପ୍ତି

ଯେହେତୁ, ଓଡିଶା ସରକାର ନିମ୍ନଲିଖିତ ସ୍ଥାନ ଓ ସ୍ଥାନୀୟ କ୍ଷେତ୍ର ଅଂଚଳରେ ଭାରତ ତିଆରି ଠିପି ଖୋଲା ବିଦେଶୀ ମଦ ଦୋକାନ ୨୦୨୨ - ୨୦୨୩ ଆର୍ଥିକ ବର୍ଷର ଅବଶିଷ୍ଟ ସମୟ ପାଇଁ ମଞ୍ଜୁରୀ କରିବା ନିମନ୍ତେ ପ୍ରସ୍ତାବ ରଖିଛନ୍ତି । ଯଦି, ଏହି ପ୍ରସ୍ତାବ ଉପରେ ସ୍ଥାନୀୟ ଅଂଚଳରେ ବସବାସ କରୁଥିବା କୌଣସି ଜନସାଧାରଣଙ୍କର / ଅନୁଷ୍ଠାନର କୌଣସି ଅଭିଯୋଗ ଥାଏ, ତାହାଲେ, ତା. ୨୬/୦୬/୨୦୨୨ ରିଖ ସୁଦ୍ଧା ପ୍ରେରଣ କରିବା ନିମନ୍ତେ ଆମନ୍ତ୍ରଣ / ଆହ୍ୱାନ କରାଗଲା । ଏହି ଅଭିଯୋଗ ପତ୍ର ନିମ୍ନ ସ୍ୱାକ୍ଷରକାରୀଙ୍କ ଠିକଣାରେ ପ୍ରେରଣ କରିବେ ଓ ତାହା ଉପରଲିଖିତ ସମୟସୀମା ମଧ୍ୟରେ କିମ୍ବା ତାପୂର୍ବରୁ ପହଞ୍ଚିବା ଆବଶ୍ୟକ ଅଟେ । ଉକ୍ତ ସମୟସୀମା ପରେ କୌଣସି ଅଭିଯୋଗ ପତ୍ର ପ୍ରାପ୍ତ ହେଲେ, ତାହା ବିଚାରକୁ ନିଆଯିବ ନାହିଁ ।

| ଦୋକାନର ପ୍ରକାର | ପ୍ରସ୍ତାବ ସଂଖ୍ୟା | ଦୋକାନ ଖୋଲିବା ପାଇଁ ପ୍ରସ୍ତାବର ସ୍ଥାନ | ଖାସ ଦାଖଲ ଅଞ୍ଚଳର ବିବରଣୀ |
|---|---|---|---|
| ହୋଟେଲ ଆଦିତ୍ୟ ( ଭାରତ ତିଆରି ଠିପି ଖୋଲା ବିଦେଶୀ ମଦ ଦୋକାନ ) | ୧ | ପ୍ଲଟ ନଂ – ୫୨୩/ ୩୬୨୮, ଖାତା ନଂ – ୨୪୬ / ୫୭୬,ମୌଜା – ଉତ୍ତମାପୁର , ୱାର୍ଡ ନଂ- ୫୬ କଟକ ମହାନଗର ନିଗମ, କଟକ,ଥାନା – ସଦର, ଜିଲ୍ଲା- କଟକ | ଦୋକାନ ର ନିଜସ୍ୱ ଅବସ୍ଥିତ |

ଜିଲ୍ଲାପାଳ , କଟକ

ପରିପତ୍ର ସଂଖ୍ୟା ୩୬୨୪/ ଅ. ତା. ୧୩/୦୬/୨୦୨୨

ଏହାର ନକଲ ସମ୍ପୃକ୍ତ ଭାରପ୍ରାପ୍ତ ଅବକାରୀ ଥାନା ଅଧିକାରୀ / ଅବକାରୀ ନିରୀକ୍ଷକ , କଟକ ଙ୍କ ନିକଟକୁ ପ୍ରେରଣ କରି ନିର୍ଦ୍ଦେଶ ଦିଆଯାଉଅଛି ଯେ ଏହାର ନକଲ ଦୋକାନ ଖୋଲାଯିବା ନିମନ୍ତେ ପ୍ରସ୍ତାବିତ ଥିବା ସମ୍ପୃକ୍ତ ଅଞ୍ଚଳରେ ସହଜ ଦୃଶ୍ୟମାନ ସ୍ଥାନରେ ଲଗାଇବେ । ଏହା ବ୍ୟତୀତ ଏହି ବିଜ୍ଞପ୍ତିକୁ ଡ୍ରମ ବାଦଣ କିମ୍ବା ଅନ୍ୟ ଯେକୌଣସି ସୁବିଧା ଉପାୟରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଜାରି କରିବେ । ଏହାର ଗୋଟିଏ ନକଲରେ ସ୍ଥାନୀୟ ଜନସାଧାରଣଙ୍କର ଦସ୍ତଖତ ଆଣି ଅତ୍ର କାର୍ଯ୍ୟାଳୟକୁ ଯଥାଶୀଘ୍ର ବିଜ୍ଞପ୍ତି ର ପ୍ରଚାର ହୋଇଥିବା ପ୍ରମାଣ ସ୍ୱରୂପ ପ୍ରେରଣ କରିବେ । ଏହା ବ୍ୟତୀତ , ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପ୍ରଚାର ନିମନ୍ତେ ଯଥା ସମ୍ଭବ ପଦକ୍ଷେପ ଗ୍ରହଣ କରିବେ । ଜାରି ହୋଇଥିବା ମୂଳ ବିଜ୍ଞପ୍ତି ସହିତ ଏହାର ଦୁଇକିତା ଜେରକ୍ସ ନକଲ ଅତ୍ର କାର୍ଯ୍ୟାଳୟକୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରିବେ ।

ଏହାର ଏକକିତା ନକଲ ଅବକାରୀ ଉପ ଅଧିକ୍ଷକ , କଟକ ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲାର ସମସ୍ତ ସମ୍ପୃକ୍ତ ଚେୟାରପରସନ / ପଞ୍ଚାୟତ ସମିତି /ପୌରପାଳିକା/ ଚେୟାରମ୍ୟାନ ମହାନଗର ନିଗମ / ମହାନଗର ନିଗମ ଆୟୁକ୍ତ,/ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ସରପଞ୍ଚଙ୍କ /କାର୍ଯ୍ୟ ନିର୍ବାହୀ ଅଧିକାରୀ ଙ୍କ ( ସ୍ଥାନୀୟ ଅବକାରୀ ଅଧିକାରୀଙ୍କ ମାଧ୍ୟମରେ ) ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସମ୍ପୃକ୍ତ ଉପ-ଜିଲ୍ଲାପାଳ / ଅବକାରୀ ଉପ- ଆୟୁକ୍ତ ( କେନ୍ଦ୍ରାଞ୍ଚଳ ), ଓଡିଶା , କଟକ / ଆରକ୍ଷୀ ଉପ- ଆୟୁକ୍ତ / ଆରକ୍ଷୀ ଅଧିକ୍ଷକ , କଟକଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ / ଜାତୀୟ ସୂଚନା କେନ୍ଦ୍ର ୱେବସାଇଟ, କଟକଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ନକଲ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ,କଟକ/ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ,କଟକର ସୂଚନା ଫଳକରେ ପ୍ରଦର୍ଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ , କଟକ